## ଅଟୋ ଓଲଟି ଜଣେ ଗୁରୁତର

ବୁଗୁଡ଼ା,୨୧।୧୨(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ଭଗବାନପୁର-ପାଣିକେଶର ରାସ୍ତାରେ ଏକ ଡାଲା ଅଟୋ ଓଲଟି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଭଗବାନପୁର ଗ୍ରାମର ଲୋଚନ ନାୟକ(୬୦)। ବୁଧବାର ସନ୍ଧ୍ୟାରେ ଲୋଚନ ଏକ ଡାଲା ଅଟୋରେ ଧାନ ବସ୍ତା ବୋଝେଇ କରି ଭଗବାନପୁରରୁ ପାଣିକେଶରକୁ ଯାଉଥିବା ବେଳେ ବୁଲାଣି ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଲୋଚନ ଫୋପାଡ଼ି ହୋଇ ପଡିବା ଫଳରେ ତାଙ୍କର ଡାହାଣ ହାତ ସାଙ୍ଗକୁ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଆଜି କ'ଣ କେଉଁଠି

ପୋଲସରା

- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ। ସ୍ଥାନ- କାଳୀ ମନ୍ଦିର ସାହି। ସମୟ- ପୂର୍ବାହ୍ନ
- ମୁକ୍ତି ମଶାଲ ଯୁବ ପରିଷଦ କଳାବିନୋଦ କେନ୍ଦ୍ରଠାରେ ବୈଠକ। ସ୍ଥାନ-ମାଳି ସାହି, ସମୟ- ଅପରାହ୍ନ ସାଢ଼େ ୧୨ଟା।
- ଓଡ଼ିଆ ସାହିଠାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।
- ସ୍ଥାନ-ଓଡ଼ିଆ ସାହି, ସମୟ- ସନ୍ଧ୍ୟା ୬ଟା।
- ଦାରିଙ୍ଗବାଡି
- ଅନ୍ତରଙ୍ଗ ଯୁବ ମହୋତ୍ସବ। ସ୍ଥାନ -ପଥପ୍ରାନ୍ତ ସେବା କେନ୍ଦ୍ର, ସମୟ- ପୂର୍ବାହ୍ନ -୧୧ଟା

## ସଂକ୍ଷେପରେ

### କାର୍ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବାଲିଗୁଡ଼ା,୨୧।୧୨(ଡି.ଏନ.ଏ.):କାର୍ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁମୁଡ଼ିବନ୍ଧ ଥାନା ମାଲିପଡ଼ା ଅଞ୍ଚଳର ଜିହୁଦା ପରାସେଠ। ବୁଧବାର ମାଲିପଡ଼ା ଅଞ୍ଚଳର ଦୁଇଜଣ ଯୁବକ ବାଇକରେ ବାଲିଗୁଡ଼ା ଯାଉଥିଲା ବେଳେ କୁର୍ତ୍ତମଗଡ଼ ନିକଟସ୍ଥ ବୁଲାଣି ରାସ୍ତାରେ ଏକ କାର୍ ସହ ଧକ୍କା ହୋଇଥିଲା। ଫଳରେ ଜିହୁଦା ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଜିହୁଦାଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୧୪କୋଟିର ବେଆଇନ ଗଞ୍ଜେଇ ଗଛ ନଷ୍ଟ

ବାଲିଗୁଡ଼ା,୨୧।୧୨(ଡି.ଏନ.ଏ.):ପୋଲିସ ଓ ଅବକାରୀ ବିଭାଗର ମିଳିତ ପ୍ରୟାସରେ ପୁଣି ୧୪କୋଟି ଟଙ୍କାର ବେଆଇନ ଗଞ୍ଜେଇ ଗଛ ନଷ୍ଟ ହେଲା। କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାଟାଗୁଡ଼ା ଗ୍ରମପଞ୍ଚାୟତର ପୁଷାର୍ଗିଆ, ପାଲୁଙ୍ଗିଆ ଓ ଜକିକିଆ ଅଞ୍ଚଳର ୧୪୦ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରିଛି ମିଳିତ ଟିମ।

### ଚୋରା ମଦ ଜବତ, ଜଣେ ଗିରଫ

ଗୋପାଳପୁର,୨୧।୧୨(ଡି.ଏନ.ଏ.): ଚୋରା ଦେଶୀ ମଦ ବିକ୍ରି କରିବା ମାମଲାରେ ବୁଧବାର ଅପରାହ୍ନରେ ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କର ପ୍ରସାଦ ଆଚାର୍ଯ୍ୟ। କନିଷି ହାଟସ୍ଥିତ ଶଙ୍କର ପ୍ରସାଦ ଆଚାର୍ଯ୍ୟ ଟାମାଣା ଗ୍ରାମରୁ ଜୁଗୁଡି ଗ୍ରାମକୁ ମଧ୍ୟାହ୍ନ ସମୟରେ ଚୋରା ଦେଶୀ ମଦ ଧରି ଯାଉଥିବା ବେଳେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ପୋଲିସ ଜୁଗୁଡି ରାସ୍ତାରେ ଚଢ଼ାଉ କରି ଶଙ୍କର କାବୁ କରିଥିଲା ଏବଂ ତା' ଠାରୁ ୧୦୫ ଲିଟର ଚୋରା ଦେଶୀ ମଦ ଜବତ କରିଥିଲା।

### ଦୋକାନୀଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୧।୧୨(ଡି.ଏନ୍.ଏ.)- ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଜଳଖିଆ ଦୋକାନ କରିଥିବା ବ୍ୟବସାୟୀ କୃଷ୍ଣ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ସାହାଣୀସାହିର ଶଙ୍କର ଦାସ। ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ପ୍ରକାରେ, ଦିଗପହଣ୍ଡି ସୁନାରିସାହିର କୃଷ୍ଣ ସାହୁ ପୁଞ୍ଜିକୟାଁ ଛକରେ ଜଳଖିଆ ଦୋକାନ କରିଥିବା ବେଳେ ଅଭିଯୁକ୍ତ ଶଙ୍କର ଓ ତା'ର କିଛି ସାଙ୍ଗ ବିଭିନ୍ନ ସମୟରେ ଟଙ୍କା ନ ଦେଇ ଜଳଖିଆ ଖାଉଥିଲେ। ମଙ୍ଗଳବାର ସକାଳେ ଶଙ୍କର ଓ ତା'ର ଦୁଇ ସାଙ୍ଗ ପୁଣି ଏଭଳି କରୁଥିବା ବେଳେ ଦୋକାନୀ କୃଷ୍ଣ ଟଙ୍କା ମାଗିଥିଲେ। ଫଳରେ ୩ ଯୁବକ ମିଶି କୃଷ୍ଣଙ୍କୁ ମାଡ଼ ମାରି ଦାନ୍ତ ଭାଙ୍ଗି ଦେଇଥିଲେ। ଏପରିକି ପ୍ରସ୍ତୁତ ଖାଦ୍ୟ ସାମଗ୍ରୀଗୁଡିକୁ ଫିଙ୍ଗି ଦେଇଥିଲେ। ପରେ ଚୁଲିରେ ବସିଥିବା ଗରମ ତେଲ କଡ଼େଇଟିକୁ କୃଷ୍ଣଙ୍କ ଉପରକୁ ପୋପାଡ଼ି ଦେଇଥିଲେ। ତେବେ ଦୋକାନୀ ଜଣକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ ଗୁରୁତର ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ପରେ ସେ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# କୋର୍ଟ ପରିସରରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ

## ୩ ଗିରଫ, ୨ ଫେରାର୍

ବେଗୁନିଆପଡ଼ା,୨୧।୧୨

ଚୋରା ମଦ କାରବାର ଉପରେ ଚଢାଉ କରି ପୁଣି ଥରେ ମଦ ବେପାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଅବକାରୀ କର୍ମଚାରୀ। ଗଞ୍ଜାମ ଜିଲା କୋଦଳାରେ ବାରମ୍ବାର ଘଟୁଛି ଏଭଳି ଅଘଟଣ। ଗତ ୪ ମାସ ତଳେ ଜଣେ ଅବକାରୀ କର୍ମଚାରୀଙ୍କୁ କୋଦଳା ଅଞ୍ଚଳରେ ଆକ୍ରମଣ ହୋଇଥିବା ବେଳେ ପୁଣି ମଙ୍ଗଳବାର ଜଣେ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ରାତି ପ୍ରାୟ ୧୧ଟା ବେଳେ କୋଦଳା ମାଛ ବଜାର ନିକଟରେ ଚୋରା ମଦ କାରବାର ଚାଲିଥିବା ଖବର ପାଇ ଖଲ୍ଲିକୋଟ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଯୁଧିଷ୍ଠିର ମୁନିଙ୍କୁ ଗିରଫ



କୋଦଳା କୋର୍ଟ।

କରାଯାଇଥିଲା। ତାଙ୍କୁ ଖଲ୍ଲିକୋଟ ଅବକାରୀ ଥାନାକୁ ନିଆଯିବା ପରେ କୋଦଳା କୋର୍ଟରେ ହାଜର ପାଇଁ ବୁଧବାର ଅଣାଯାଇଥିଲା। ତେବେ କୋର୍ଟ ପରିସରରେ ୫ ରୁ ୭ ଜଣ ବ୍ୟକ୍ତି ହଠାତ୍ ଆସି ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜଣେ ଅବକାରୀ କର୍ମଚାରୀଙ୍କ ମୁଣ୍ଡ ଫାଟିଥିବା ଜଣାଯାଇଛି। କୋଦଳା ଥାନାରେ ୫ ଜଣଙ୍କ ନାମରେ ଏତଲା ଦିଆଯାଇଛି ବୋଲି କହିଛନ୍ତି ସଦର ଅବକାରୀ ଇନିସପେକ୍ଟର ଦିପ୍ତିମୟୀ ସାହୁ। ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ୩ ଅଭିଯୁକ୍ତ ଗୋଲେଖ ପରିଡା, ଯୁଧିଷ୍ଠିର ମୁନି ଓ ଗୌରୀ ମୁନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେଶ୍ ନମ୍ବର ୮୦୩ ଅନୁସାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଧାରା ୩୪୧, ୩୩୨, ୩୦୭, ୨୨୪, ୨୨୫, ୩୨୩, ୩୫୩ ଓ ୩୪ ଆଇପିସିରେ ତଦନ୍ତ ହେଉଥିବା କହିଛନ୍ତି କୋଦଳା ଥାନା ସବ୍ ଇନିସପେକ୍ଟର ଆରତୀ କୁମାରୀ ପରିଡା।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା



ସରପଞ୍ଚ ସହାୟତା ଅର୍ଥରାଶି ପ୍ରଦାନ କରୁଛନ୍ତି।

ଦିଗପହଣ୍ଡି,୨୧।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମରେ ଗତ ପ୍ରାୟ ଏକ ମାସ ପୂର୍ବେ ମଲ୍ଲୀ ସେଠୀ ନାମ୍ନୀ ଜଣେ ବୃଦ୍ଧା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ। ବୁଧବାର ମୃତକଙ୍କ ପରିବାରଙ୍କୁ ରେଡକ୍ରସ୍ ତରଫରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଖବରନୁଯାୟୀ, ଗ୍ରାମର ଧୋବାସାହିର ମଲ୍ଲୀ ସେଠୀ ଘରେ ସନ୍ଧ୍ୟାରେ ରୋଷେଇ କରୁଥିଲା ବେଳେ ପୋଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ତହସିଲଦାର ସମେତ ରାଜସ୍ୱ ନୀରିକ୍ଷୀକା ମୃତକଙ୍କ ପରିବାର ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରି ଫେରିଥିଲେ। ତହସିଲଦାର ସିପକ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ସରପଞ୍ଚ ମନୋରଞ୍ଜନ ଗୌଡ, ରାଜସ୍ୱ ନୀରିକ୍ଷୀକା ସରସ୍ୱତୀ କହଁର ମୃତକଙ୍କ ବାସଭବନରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ୧୦ ହଜାର ଟଙ୍କାର ଚେକ୍ ତାଙ୍କ ପୁଅ ଲିଙ୍ଗା ସେଠୀଙ୍କୁ ପ୍ରଦାନ କରିଛନ୍ତି।

# ଚକ୍ ଖଡ଼ିରେ ନିର୍ମିତ ସୂକ୍ଷ୍ମ ଲାଇଟ୍‌ହାଉସ୍

ଗୋପାଳପୁର,୨୧।୧୨(ଡି.ଏନ.ଏ.)

ସହର ଉପକଣ୍ଠସ୍ଥ ଶୀତାଳପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ଛାତ୍ର ତଥା ଇମାଜିକ୍ସ କ୍ଲବର ସଦସ୍ୟ କେ. ବିଜୟ କୁମାର ରେଡ଼ି ଗୋପାଳପୁର ବେଳାଭୂମି ମହୋତ୍ସବ ପାଳନ ଅବସରରେ ଚକଖଡିରେ ଅତି ସୁକ୍ଷ୍ମ ତଥା ସୁନ୍ଦର କାରୁକାର୍ଯ୍ୟରେ ଲାଇଟ୍ ହାଉସ ନିର୍ମାଣ କରିଛନ୍ତି। ଏହି ସୂକ୍ଷ୍ମ କାରିଗରିକୁ ବିଜୟ ବୁଧବାର ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି ସୂକ୍ଷ୍ମ କାରିଗରି ୨ ସେମି ଉଚ୍ଚ ହୋଇଥିବା ବେଳେ ମାତ୍ର ଗୋଟିଏ ଲେଖାଏଁ ଖଡ଼ିରେ ନିର୍ମିତ ହୋଇଛି। ଚକରେ ନିର୍ମିତ ଏହି ପ୍ରତିକୃତିକୁ ସେ ମାତ୍ର ୧ ଘଣ୍ଟା ସମୟ ମଧ୍ୟରେ ନିର୍ମାଣ କରିଥିଲେ। ବିଜୟ ଏହା ପୂର୍ବରୁ ଏପରି ସୂକ୍ଷ୍ମ କାରିଗରୀମାନ ନିର୍ମାଣ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ବେଳେ ନିଜ ନାମକୁ ଇଣ୍ଡିଆ ଓ ଏସିଆ ବୁକ ଅଫ ରେକର୍ଡରେ ସ୍ଥାନିତ କରିପାରିଛନ୍ତି।



ବ୍ରହ୍ମପୁର ଉପଜିଲାପାଳଙ୍କୁ ଚକଖଡିରେ ନିର୍ମିତ ସୂକ୍ଷ୍ମ କାରିଗରି ପ୍ରଦାନ କରୁଛନ୍ତି ଛାତ୍ର।

ତାଙ୍କର କାଳକୃତି ନିର୍ମାଣକୁ ଗୋପାଳପୁର ବେଳାଭୂମି ମହୋତ୍ସବରେ ପଲିଶ୍ରୀ ମେଳାରେ ପରିଦର୍ଶନ କରାଯିବା ଏବଂ କଳାକାରଙ୍କୁ ଚକ ପ୍ରଦାନ କରିବେ ବୋଲି କହିଛନ୍ତି। ବିଜୟଙ୍କ ଏହି ସୁନ୍ଦର କାରୁକାର୍ଯ୍ୟକୁ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁ, ପ୍ରଫେସର ସାଗର, ଭଗବତ ପଣ୍ଡା ପ୍ରମୁଖ ପ୍ରଶଂସା କରିଥିଲେ।

## ରମ୍ଭା ଏନ୍‌ଏସିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ରମ୍ଭା,୨୧।୧୨

ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ରମ୍ଭା ଏନଏସିରେ ସ୍ୱଚ୍ଛତା ନେଇ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଉପାଧ୍ୟକ୍ଷ କାଳିଆ ତରାଇ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ସଫେଇ କର୍ମଚାରୀ, ଉତ୍ତମ ସେବାକାରୀ, ସ୍ୱଚ୍ଛ ସାଥି, ବ୍ରାଣ୍ଡ ଆମ୍ବାସାଡରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରାଣ୍ଡ ଅମ୍ବାସାଡର ରୂପେ ରମ୍ଭା ଏନଏସି ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ବାଡତ୍ୟା, ସାମାଜିକ କର୍ମୀ ଦଣ୍ଡପାଣି ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ୬ ଜଣ ସ୍ୱଚ୍ଛସାଥି ଏବଂ ସଫେଇ କର୍ମଚାରୀଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ଧାନମଣ୍ଡି ଉଦ୍‌ଘାଟିତ

ଦିଗପହଣ୍ଡି,୨୧।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡିକୁ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ ବୁଧବାର ଉଦଘାଟନ କରିଛନ୍ତି। କଇଠଖଣ୍ଡି ରାଜସ୍ୱ ନୀରିକ୍ଷୀକା ସରସ୍ୱତୀ କହଁର, ଖମ୍ବାରୀ ଗାଁ ରାଜସ୍ୱ ନୀରିକ୍ଷୀକା ସଂଯୁକ୍ତା ମହାପାତ୍ର, ସମବାୟ ସମିତି ସଭାପତି ସୀମାଞ୍ଚଳ ପାଣିଗ୍ରାହୀ, ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମିଡିଆକିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସମେତ ଅତିଥିବୃନ୍ଦ।

ବାଲିଗୁଡା,୨୧।୧୨(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ମିଡ଼ିଆକିଆସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ସଭାପତି ପିସୁ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗୌରଚନ୍ଦ୍ର ପୂଜାରୀ, ସମ୍ମାନିତ ଅତିଥି ଭାବେ ସୁଚ୍ରି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବିଷୋୟୀଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଦ୍ୟୁତ ସଂସ୍ପର୍ଶରେ ଆସି ଏମ୍‌କେସିଜି ସଫେଇ କର୍ମଚାରୀ ଗୁରୁତର

ବ୍ରହ୍ମପୁର ଅଫିସ,୨୧।୧୨

ବ୍ରହ୍ମପୁର ବଡ ମେଡିକାଲରେ ମେଶିନ ସାହାଯ୍ୟରେ ସଫେଇ କାର୍ଯ୍ୟ କରୁଥିବା ବେଳେ ବୁଧବାର ଅଘଟଣ ଘଟିଛି। ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ସେଠାରେ କାମ କରୁଥିବା ସଫେଇ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତ କର୍ମଚାରୀ ଜଣଙ୍କ ହେଲେ ପ୍ରଶାନ୍ତ ନାୟକ। ସେଠାରେ କାମ କରୁଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜିର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରିଥିଲେ। ତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରକାଶ ଯେ, ପ୍ରଶାନ୍ତ ବୁଧବାର ଅପରାହ୍ନରେ ଏମ୍‌କେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗ କୋଠା ପ୍ରଥମ ମହଲାରେ ପ୍ରେସର ପମ୍ପରେ ପାଣି ପକାଇ ସଫେଇ କରୁଥିଲେ। ସେଠାରେ ସଫେଇ କାର୍ଯ୍ୟ ସରିବା ପରେ ପ୍ରଶାନ୍ତ ଉପର ମହଲାକୁ ଯାଇ ସଫେଇ କରିବାର ଥିଲା। ହେଲେ ପ୍ରେସର ପମ୍ପ ଚାଲୁଥିବା ଅବସ୍ଥାରେ ହିଁ ପ୍ରଶାନ୍ତ ସେହି ମେସିନକୁ ଟେକି ଉପରକୁ ନେଉଥିଲେ। ଅସାବଧାନତା ବଶତଃ ସେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ପ୍ରଶାନ୍ତଙ୍କୁ ଜୋରରେ ବିଦ୍ୟୁତ ଆଘାତ ଲାଗିଥିଲା। ସେ ତଳେ ଛିଟିକି ହୋଇ ପଡ଼ିଥିଲେ। ବିଦ୍ୟୁତ ଆଘାତ ଯୋଗୁ ତାଙ୍କ ଶରୀରର ପ୍ରାୟ ୪୦ ଭାଗ ପୋଡି ଯାଇଥିବା ସୂଚନା ମିଳିଛି। ଘଟଣା ପରେ ଏମକେସିଜିରେ କାର୍ଯ୍ୟରତ ଅନ୍ୟ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ସମବାୟ କେନ୍ଦ୍ର ବ୍ୟାଙ୍କର ପ୍ରଥମ ପରିଚାଳନା ବୈଠକ



ବୈଠକରେ ଉପସ୍ଥିତ ପରିଚାଳନା ପରିଷଦ ସଦସ୍ୟ।

ଆସିକା,୨୧।୧୨(ଡି.ଏନ.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ପ୍ରଥମ ବୈଠକ ବୁଧବାର ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦର ସଭାପତି ମଙ୍ଗୁଲୁଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ ସଂଯୋଜନା କରିଥିଲେ। ବୈଠକରେ ବ୍ୟାଙ୍କର ଆର୍ଥିକ ପରିସ୍ଥିତିର ସମୀକ୍ଷା, ୧.୪.୨୨ ଠାରୁ ୩୦.୧୧.୨୨ ପର୍ଯ୍ୟନ୍ତ ଆଦାୟ ଓ ଖର୍ଚ୍ଚର ସମୀକ୍ଷା, ଶାଖା ୱାରୀ ରବି ଋଣ ଲଗାଣ ଓ ସଞ୍ଚୟ ସମ୍ପର୍କରେ ସମୀକ୍ଷା ଓ ବ୍ୟାଙ୍କର ୯୭ତମ ବାର୍ଷିକ ସାଧାରଣ ସଭା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀ ୮ ତାରିଖରେ ବ୍ୟାଙ୍କର ସାଧାରଣ ସଭା କରିବାଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ଉପସଭାନେତ୍ରୀ ଜ୍ୟୋତିର୍ମୟୀ ବାରିକଙ୍କ ସମେତ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ, ତନୁଲତା ବିଷୋୟୀ, ନାର୍ଣ୍ଣୁ ପ୍ରଧାନ, ଗଙ୍ଗାଧର ପାତ୍ର, ଜ୍ୟୋତ୍ସ୍ନାରାଣୀ ଗୌଡ, ବସନ୍ତ କୁମାର ସ୍ୱାଇଁ, ବିପିନି ବିହାରୀ ସ୍ୱାଇଁ, ସୁମନ୍ତ ବିଷୋୟୀ, ରଞ୍ଜନ ସାହୁ, ହୃଷିକେଶ ମେହେଣା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## 'ଷ୍ଟଡିଟୁର୍ ଜ୍ଞାନ ବୃଦ୍ଧି କରେ'

ଭଞ୍ଜନଗର,୨୧।୧୨(ଡି.ଏନ.ଏ)– ଶୀତ ଋତୁରେ ସାଧାରଣତଃ କଲେଜଗୁଡିକର ଛାତ୍ରୀଛାତ୍ରମାନେ ଷ୍ଟଡିଟୁରରେ ବିଭିନ୍ନ ସ୍ଥାନକୁ ଯାଇ ଜ୍ଞାନ ଆହରଣ କରୁଛନ୍ତି। ଏହିଭଳି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଗଣିତ, ପ୍ରାଣୀ ବିଜ୍ଞାନ, ଇତିହାସ, ଗଣଯୋଗାଯୋଗ ବିଭାଗର ଛାତ୍ରୀଛାତ୍ରମାନେ ଇତିମଧ୍ୟରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ନୂତନ ଜ୍ଞାନ କୌଶଳ ଆହରଣ କରିଛନ୍ତି।

# ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଦିଗପହଣ୍ଡି,୨୧।୧୨(ଡି.ଏନ.ଏ.)–

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ନୋଡାଲ ହାଇସ୍କୁଲ ଖେଳ ପଡିଆରେ ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ଉତ୍ସବର ଉଦଘାଟନୀ ଦିବସରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ବି.କ୍ରିଷ୍ଣା ରାଓ ସୁବୁଦ୍ଧି ସଂଯୋଜନା କରିଥିଲେ। ଜିଲା ଶାରିରୀକ ପ୍ରଶିକ୍ଷକ ଭାଗିରଥୀ ସ୍ୱାଇଁ, ଚିକିଟି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନୀତା କୁମାରୀ ସେଠୀ, ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର, ଚିକିଟି ବ୍ଲକ ଅଧକ୍ଷ ଆପନା ସେଠୀ, ସ୍ଥାନୀୟ ସରପଞ୍ଚ ବି . ସନ୍ଧ୍ୟାରାଣୀ ସୁବୁଦ୍ଧି, ଆଇନଜୀବୀ ହରପ୍ରସାଦ ରଥ, ସାମାଜିକ କର୍ମୀ ଏମ୍ . ନିରଞ୍ଜନ ରେଡ୍ଡୀ, କୃଷ୍ଣଚନ୍ଦ୍ର ସେଠୀ, କରପଡ଼ା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍ ଲତା ମହାରଣା, ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘର ବ୍ଲକ ସଭାପତି ରାଜେନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଶୁକୁରୁ ରେଡ୍ଡୀ, ଏମ୍ . ଗୌରାଙ୍ଗ, ଶସ୍ମିତା ପ୍ରଧାନ, କୈଳାସ ରେଡ୍ଡୀ, ସୀମାଞ୍ଚଳ ପାଢ଼ୀ, ଜଗନ୍ନାଥ ପ୍ରସାଦ, ଅରୁଣ ପ୍ରଧାନ, ଦାମୋଦର ପ୍ରଧାନ, କେ .ଜ୍ୟୋତିଙ୍କ ସମେତ ବହୁ କ୍ରୀଡ଼ା ଶିକ୍ଷକ, ସମସ୍ତ ବିଦ୍ୟାଳୟ ସିଆର୍‌ସିସି, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଏବଂ ଏନ୍‌ସିସି ଓ ସ୍କାଉଟ ଟିମ୍‌ର ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏବିଇଓ ରସାନନ୍ଦ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'କେନ୍ଦ୍ର ଯୋଜନାକୁ ରାଜ୍ୟ ଠିକ୍ ଭାବେ କାର୍ଯ୍ୟକାରୀ କରୁନି'

ଜି.ଉଦୟଗିରି,୨୧।୧୨

କନ୍ଧମାଳ ଜିଲା ଜି.ଉଦୟଗିରି ବଣିକ ସଂଘ କାର୍ଯ୍ୟାଳୟଠାରେ ଭାଜପାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାଜପା ସଭାପତି ସମୀର କୁମାର ମହାନ୍ତି ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ନାରୀଙ୍କୁ କେଉଁ ପ୍ରକାର ସମ୍ମାନ ଦେଉଛି ତାହା କୁନ୍ଧୁଲି ପୀଡିତା, ମମିତା ମେହେର ହତ୍ୟା ଘଟଣାରୁ ସ୍ପଷ୍ଟ। ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସାଂଗଠନିକ ସୁଦୃଢ଼ କାର୍ଯ୍ୟକ୍ରମରେ ଲୋକସଭା ପ୍ରଭାରୀ




ସାଂଗଠନିକ ବୈଠକରେ ଉପସ୍ଥିତ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ କାର୍ଯ୍ୟକର୍ତ୍ତା।

## ଭାଜପା ସାଂଗଠନିକ ବୈଠକ

ନିରଞ୍ଜନ ମିଶ୍ର, ଜିଲା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ସମ୍ପାଦିକା ସୁସ୍ମିତା ଜେନା, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରଧାନ, ଲୋକସଭା ମଣ୍ଡଳୀ ସଂଯୋଜକ ବନବିହାରୀ ମହାନ୍ତି, ଫୁଲବାଣୀ ପୌରାଧକ୍ଷା ସ୍ମିତା ମହାନ୍ତି, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ପୂର୍ବତନ ଜିଲା ସଭାପତି ଲିଙ୍ଗରାଜ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ଗୋଟିଏ ଲୋକସଭା ଆସନ(ସାଂସଦ) ଓ ଜିଲାର ୩ଟି ବିଧାନସଭା ଆସନ(ବିଧାୟକ) ନିଜ ଦଳ ଅକ୍ତିଆରକୁ ଆଣିବା ନେଇ ରଣ କୌଶଳ ପ୍ରସ୍ତୁତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ପରାଚାଳନା କରିଥିବା ବେଳେ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

